# ପ୍ରଫେସର ଗୋପବନ୍ଧୁ ବେହେରା

ଓଡ଼ିଶାରେ ରସାୟନ ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ପ୍ରଫେସର ଗୋପବନ୍ଧୁ ବେହେରା ହେଉଛନ୍ତି ଜଣେ କୃତବିଦ୍ ପଥପ୍ରଦର୍ଶକ । କଳାହାଣ୍ଡି ଜିଲ୍ଲାର



ଭୁର୍ସିଗୁଡ଼ାଠାରେ ୧୯୩୯ ମସିହା ଫେବୃୟାରୀ ୩ ତାରିଖରେ ତାଙ୍କର ଜନ୍ମ । ରସାୟନ ବିଜ୍ଞାନ ଅନର୍ସରେ ପ୍ରଥମସ୍ଥାନ ଓ ଏମ୍.ଏସ୍‌ସି.ରେ ଦ୍ୱିତୀୟ ସ୍ଥାନ ପ୍ରାପ୍ତ ହେବା ତାଙ୍କ ମେଧାର ପରିଚୟ ଦିଏ । ସାମନ୍ତ ଚନ୍ଦ୍ରଶେଖର କଲେଜ ଓ ରେଭେନ୍‌ସା କଲେଜରେ କିଛି କାଳ ଅଧ୍ୟାପନା କରିବା ପରେ ୧୯୬୯ରେ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗରେ ଯୋଗଦେଇ ସେଠାରେ ମାତ୍ର ୩୯ ବର୍ଷ ବୟସରେ ପ୍ରଫେସର ପଦକୁ ଉନ୍ନୀତ ହେବାର କୃତିତ୍ୱ ଅର୍ଜନ କରିଥିଲେ । ପ୍ରଥମ ଗବେଷକ ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡି.ଏସ୍‌ସି. ଡିଗ୍ରୀ ହାସଲ କରିବା ସାଙ୍ଗକୁ ବିଜ୍ଞାନ କ୍ଷେତ୍ରରେ ସେହି ବିଶ୍ୱବିଦ୍ୟାଳୟର ସର୍ବପ୍ରଥମ ପିଏଚ୍.ଡି. ଡିଗ୍ରୀ ତାଙ୍କରି ଦିଗ୍‌ଦର୍ଶନରେ ପ୍ରଦତ୍ତ ହୋଇଥିଲା ।

ଜଣେ ଶିକ୍ଷକ ଓ ଶିକ୍ଷାବିଦ୍ ଭାବେ ପ୍ରଫେସର ବେହେରାଙ୍କ ବହୁ ସୁନାମ ରହିଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓ ଏମ୍.ଫିଲ୍. ପାଠ୍ୟକ୍ରମରେ 'ରିଆକ୍ସନ୍ ମେକାନିଜ୍‌ମ' ଓ 'ମାଇସେଲାର୍ କେମିଷ୍ଟ୍ରୀ' ଭଳି ନୂତନ ବିଷୟ ସଂଯୋଜିତ କରି ସେ ଆଇଆଇଟି ଓ ୟୁଜିସି ପ୍ରଭୃତି ଅନୁଷ୍ଠାନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଓଡ଼ିଶାରେ 'ସର୍‌ଫେସ୍ କେମିଷ୍ଟ୍ରୀ', 'କୋରିଲେସନ୍ ଆନାଲିସିସ୍', ଓ 'ଫଟୋକେମିଷ୍ଟ୍ରୀ' ପ୍ରଭୃତି ଗବେଷଣା କ୍ଷେତ୍ରରେ ତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ପ୍ରଫେସର ବେହେରାଙ୍କ ଦ୍ୱାରା ୧୨୦ ରୁ ଊର୍ଦ୍ଧ୍ୱ ଗବେଷଣାତ୍ମକ ନିବନ୍ଧ ଆନ୍ତର୍ଜାତିକ ଓ ଜାତୀୟସ୍ତରର ଜର୍ଣ୍ଣାଲମାନଙ୍କରେ ପ୍ରକାଶିତ ଓ ଆଦୃତ ହୋଇଛି । ତାଙ୍କର ଗୋଟିଏ ନିବନ୍ଧ ଆନ୍ତର୍ଜାତିକ ସ୍ତରରେ ସର୍ବୋତ୍କୃଷ୍ଟ ୧୫ ଭିତରେ ସ୍ଥାନ ପାଇବା ଅତ୍ୟନ୍ତ ଗୌରବର କଥା । ପ୍ରଫେସର

ବେହେରାଙ୍କ ତତ୍ତ୍ୱାବଧାନରେ ୧୮ ଜଣ ଗବେଷକ ପିଏଚ୍.ଡି. ଏବଂ ଜଣେ ଡି.ଏସ୍‌ସି. ଉପାଧି ଅର୍ଜନ କରିଛନ୍ତି । ବିଭିନ୍ନ ଜାତୀୟ ସଂସ୍ଥାର ଆନୁକୁଲ୍ୟରେ ସେ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପୂର୍ଣ୍ଣ କରିଛନ୍ତି । ଫୁଲ୍‌ବ୍ରାଇଟ୍ ବୈଜ୍ଞାନିକ ଭାବେ ସେ ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟରେ ଗବେଷଣା କରିଛନ୍ତି । ଯୁକ୍ତ ଦୁଇ ଓ ଯୁକ୍ତ ତିନି ପାଠ୍ୟକ୍ରମ ପାଇଁ ପାଠ୍ୟପୁସ୍ତକ ପ୍ରଣୟନରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି । ଏହାଛଡ଼ା ରେଡ଼ିଓ ଓ ଟିଭି ପ୍ରୋଗ୍ରାମ ଓ ପୁସ୍ତକ ମାଧ୍ୟମରେ ସେ ବହୁସଂଖ୍ୟକ ଲୋକପ୍ରିୟ ବିଜ୍ଞାନ କାର୍ଯ୍ୟକ୍ରମ କରିଛନ୍ତି ।

ପ୍ରଫେସର ବେହେରା ନିଜ କର୍ମଜୀବନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଭିନ୍ନ ପଦପଦବୀ ସାଙ୍ଗକୁ ୟୁପିଏସ୍‌ସି ଓ ୟୁଜିସି ପ୍ରଭୃତି ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସୁଚାରୁ ରୂପେ ତୁଲାଇଛନ୍ତି । ଜ୍ଞାନ ଓ କର୍ମଦକ୍ଷତାର ସ୍ୱୀକୃତି ସ୍ୱରୂପ ୧୯୯୫ ରେ 'ଭି ଏସ୍ ଆର୍ ଗୁପ୍ତା' ସମ୍ମାନ ଓ ୨୦୦୫ ରେ 'ପ୍ରଫେସର ବି.ଏନ୍. ଘୋଷ ସ୍ମାରକୀ' ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଛି । ଚାକିରିରୁ ଅବସର ନେଲାପରେ ଦୁଇବର୍ଷ ପାଇଁ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ 'ପ୍ରଫେସର ଇମେରିଟସ୍' ପଦବୀରେ ଆସୀନ ହୋଇଛନ୍ତି ।

ସଂପ୍ରତି ପ୍ରଫେସର ବେହେରା ପଶ୍ଚିମ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସହ ଓତପ୍ରୋତ ଭାବେ ଜଡ଼ିତ ଅଛନ୍ତି । 'ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ' ଓ 'ପଶ୍ଚିମ ଓଡ଼ିଶା ବିକାଶ ପରିଷଦ'ର ସକ୍ରିୟ ସଦସ୍ୟ ରହିବା ସାଙ୍ଗକୁ ସେ 'କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ'ର ସ୍ଥାପନା କରିଛନ୍ତି ।

ପ୍ରଫେସର ଗୋପବନ୍ଧୁ ବେହେରାଙ୍କ ବହୁମୁଖୀ ପ୍ରତିଭା ଓ ଅବଦାନ ସକାଶେ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ୨୦୧୦ ମସିହା ପାଇଁ ତାଙ୍କୁ ଜଣେ "ବରିଷ୍ଠ ଓ ବରେଣ୍ୟ ବୈଜ୍ଞାନିକ" ଭାବେ ସମ୍ମାନିତ କରିବା ସହ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି ।

***